# ୨୧ ହଜାର ଲୋକଙ୍କ ପାଇଁ କର୍ମ ନିଯୁକ୍ତି ପ୍ରତିଶ୍ରୁତି

**ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲର ପ୍ଲାଣ୍ଟ ନିମନ୍ତେ ଥଇଥାନ ଓ ଆଇପିଡିଏସି ବୈଠକ**

- ୭ ମିଲିୟନ ଟନ୍ କ୍ଷମତା ସମ୍ପନ୍ନ କାରଖାନା ସ୍ଥାପନ ହେବ
- ବିସ୍ଥାପିତ ତାଲିକାରେ ୧୪୭୬ ପରିବାର, ଥଇଥାନ ପାଇଁ ସ୍ଥାନ ଚିହ୍ନଟ

ଜଗତ୍‌ସିଂହପୁର, ୨୪।୮ (ପ୍ରମୋଦ କୁମାର ନାୟକ)




ବୈଠକରେ ଜିଲାପାଳ, ବିଧାୟକ ଓ କମ୍ପାନୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ସମେତ ଅନ୍ୟମାନେ ଯୋଗଦେଇଛନ୍ତି।

ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ କମ୍ପାନୀ ପାରାଦୀପରେ ବାର୍ଷିକ ୭ ମିଲିୟନ ଟନ୍ କ୍ଷମତା ବିଶିଷ୍ଟ ଷ୍ଟିଲ ପ୍ଲାଣ୍ଟ ନିର୍ମାଣ କରିବାକୁ ଯାଉଛି। ପ୍ଲାଣ୍ଟ ନିର୍ମାଣ ହେବାକୁ ଥିବା ସ୍ଥାନର ଲୋକଙ୍କୁ ବିସ୍ଥାପିତ କରାଯିବ। ବିସ୍ଥାପିତ ଗ୍ରାମବାସୀଙ୍କୁ ଉପଯୁକ୍ତ ସ୍ଥାନରେ ଥଇଥାନ କରାଯିବ। ଏ ନେଇ ପ୍ରସ୍ତୁତି ସରିଛି। ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଏଥିପାଇଁ ପାରିପାର୍ଶ୍ୱିକ ଉନ୍ନୟନ ପରାମର୍ଶଦାତା କମିଟି (ଆଇପିଡିଏସି) ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମ୍ପାନୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରାଜୀବ ଭଟ୍ଟନାଗର ଯୋଗଦେଇ ଏହି ଇସ୍ପାତ କାରଖାନା ପ୍ରତିଷ୍ଠା ଦ୍ୱାରା ୨୧,୦୦୦ ଲୋକ ନିଯୁକ୍ତି ସୁଯୋଗ ପାଇବେ ବୋଲି ପ୍ରକାଶ କରିଥିଲେ। ସେ କହିଥିଲେ, ଏଥିପାଇଁ କମ୍ପାନୀ ଚିନ୍ତା କରିଛି। ସୃଜନମୂଳକ ପଦକ୍ଷେପ ସ୍ୱରୂପ ଯେପରି ସ୍ଥାନୀୟ ଅଞ୍ଚଳର ଅଣତାଲିମପ୍ରାପ୍ତ ବ୍ୟକ୍ତିଙ୍କୁ ଷ୍ଟାଇପେଣ୍ଡ ମାଧ୍ୟମରେ ଦକ୍ଷତା ବୃଦ୍ଧି କରି କିପରି ନିଯୁକ୍ତି ସୁଯୋଗ ଦେଇହେବ ତା'ଉପରେ ପଦକ୍ଷେପ ନିଆଯାଉଛି। ବୈଠକରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଡ.ସୁରେଶ ଚନ୍ଦ୍ର ଦଳାଇ ଯୋଗଦେଇ କହିଥିଲେ, ପ୍ଲାଣ୍ଟ ପ୍ରତିଷ୍ଠା ଦ୍ୱାରା ବିଜୟଚନ୍ଦ୍ରପୁର, ଉଦୟବଟ ଗ୍ରାମର ଭୀମନାଶି (ପଡ଼ାଗ୍ରାମ), ଗୋରଡ଼ି, ମୁଣ୍ଡକାଟି, ଶୁଖୁଆଖଲା, ନୂଆଗଡ଼ ଗ୍ରାମର ହାଣ୍ଡିଆ (ପଡ଼ାଗ୍ରାମ)ର ପରିବାରଗୁଡ଼ିକ ବିସ୍ଥାପିତ ହେବେ। ସେମାନଙ୍କୁ ନରେନ୍ଦ୍ରପୁରଠାରେ ଥଇଥାନ ସହ ଜନବସତି କରାଯିବ। ଭିଟାମାଟି ଛାଡୁଥିବା ଲୋକମାନଙ୍କର ସମସ୍ତ ସୁବିଧା କମ୍ପାନୀ କରିବ। ସର୍ଭେ କରାଯାଇ ୧୪୭୬ ପରିବାରଙ୍କ ଚିଠା ପ୍ରସ୍ତୁତ କରାଯାଇଛି। ଏହି ଚିଠା ୧୫ ଦିନ ପରେ ଜିଲାପାଳଙ୍କ କାର୍ଯ୍ୟାଳୟ, ପାରାଦୀପ ଅତିରିକ୍ତ ଜିଲାପାଳ, କୁଜଙ୍ଗ ବ୍ଲକ ଓ ତହସିଲ, ପାରାଦୀପ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ, ପାରାଦୀପଗଡ଼ ଆର୍‌ଆଇ ଓ ନୂଆଗଡ଼ ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରକାଶିତ କରାଯିବ। ଏହାର ୧୫ଦିନ ମଧ୍ୟରେ ସମ୍ପୃକ୍ତ ଅଞ୍ଚଳର ଜନସାଧାରଣଙ୍କଠାରୁ ଆପତ୍ତି ଓ ଅଭିଯୋଗ ଗ୍ରହଣ କରାଯାଇ ଅଭିଯୋଗ ଶୁଣାଣି ପରେ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ କରାଯିବ। ସରକାରୀ ଅଧିକାରୀମାନେ ଏହାକୁ ଯାଞ୍ଚ କରିବେ। କମ୍ପାନୀ କର୍ତ୍ତୃପକ୍ଷ ଗ୍ରାମବାସୀଙ୍କ ସହ ଆଲୋଚନା କରିବେ। ମୋଟାମୋଟି ଭାବେ ପ୍ରକଳ୍ପ ପ୍ରତିଷ୍ଠା ଦ୍ୱାରା ପ୍ରତ୍ୟକ୍ଷ ଓ ପରୋକ୍ଷରେ ଅଞ୍ଚଳର ବିକାଶ ସାଧିତ ହେବ। ଅନ୍ୟମାନଙ୍କ ମଧ୍ୟରେ ସରକାରୀ ମୁଖ୍ୟ ସଚେତକ ତଥା ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ପ୍ରଭାବିତ ଲୋକଙ୍କୁ ଉପଯୁକ୍ତ ସୁବିଧାସୁଯୋଗ ଓ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେବାକୁ ପରାମର୍ଶ ଦେଇଥିଲେ। ବାଲିକୁଦା-ଏରସମା ବିଧାୟକ ରଘୁନନ୍ଦନ ଦାସ ବିସ୍ଥାପିତ ଲୋକଙ୍କ ସୁବିଧା, ସୁଯୋଗ ସାଙ୍ଗକୁ ସାଧାରଣ ଲୋକଙ୍କ ମନରୁ ଆଶଙ୍କା ଦୂର ପାଇଁ ପରାମର୍ଶ ଦେଇଥିଲେ। ଜିଲାପାଳ ପାରୁଲ ପଟାୱାରି ବିଭିନ୍ନ ଜନ ସଚେତନତାମୂଳକ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେଇଥିଲେ। ଲୋକଙ୍କୁ ପ୍ରକଳ୍ପର ଲାଭ ଓ କମ୍ପାନୀର ପଲିସି ସମ୍ପର୍କରେ ଅବଗତ କରାଇବାକୁ ପରାମର୍ଶ ଦେଇଥିଲେ। ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ମଧ୍ୟ ଏଥିରେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭାପତି ମନୋଜ ଭୋଇ, ଏସ୍‌ପି ରାହୁଲ ପିଆର୍, ଜଗତ୍‌ସିଂହପୁର ଅତିରିକ୍ତ ଜିଲାପାଳ ଚିନ୍ମୟୀ ବିଶ୍ୱାଳ, ପାରାଦୀପ ଅତିରିକ୍ତ ଜିଲାପାଳ ଲମ୍ବୋଦର୍ ରାଉତ, ଉପଜିଲାପାଳ ପ୍ରଦୀପ କୁମାର ସାହୁ, ପାରାଦୀପ ଉପଆରକ୍ଷୀ ଅଧୀକ୍ଷକ, ରାଜନଗର ଡିଏଫ୍‌ଓ, କୁଜଙ୍ଗ ବ୍ଲକ ଅଧ୍ୟକ୍ଷା, ଆରପିଡିଏସି ସଦସ୍ୟ, ନୂଆଗଡ଼ର ସରପଞ୍ଚ ଦେବେନ୍ଦ୍ରନାଥ ରାଉତ, ତୋଫାନ ସ୍ୱାଇଁଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶେଷରେ ଭୂଅର୍ଜନ ଅଧିକାରୀ (ବୃହତ୍ ଶିଳ୍ପ ପ୍ରକଳ୍ପ) କମଳେଶ ମହନ୍ତ ଧନ୍ୟବାଦ ଦେଇଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅକ୍ଷୟ



@ କାହ୍ନୁ



@ ଲିପି



@ ପୁପୁଲ



@ ସୁବାସ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପ୍ରକଳ୍ପ ମଞ୍ଜୁରୀ ପାଇଁ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି



ଯାଜପୁରରୋଡ-ଧାମରା ରେଳପଥ ସଂଗ୍ରାମ ସମିତି ପ୍ରତିନିଧି ଦଳ ପୂର୍ବତଟ ରେଳପଥ ଜିଏମ୍‌ଙ୍କୁ ଭେଟୁଛନ୍ତି।

ପାଣିକୋଇଲି, ୨୪।୮ (ବିକାଶ ମଲ୍ଲିକ):

**ଯାଜପୁରରୋଡ୍-ଧାମରା ରେଳପଥ**

ପ୍ରସ୍ତାବିତ ଯାଜପୁରରୋଡ-ଧାମରା ରେଳପଥରେ ଲାଭ ଉପାର୍ଜନର ସମ୍ଭାବନା ଯଥେଷ୍ଟ ଅଧିକଥିବାରୁ ମଞ୍ଜୁରୀ ହାସଲ ପାଇଁ ଏହାର ଯୋଗ୍ୟତା ରହିଛି ଏବଂ ଏହାକୁ କାର୍ଯ୍ୟକାରୀ କରିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ଯାଜପୁରରୋଡ-ଧାମରା ରେଳପଥ ସଂଗ୍ରାମ ସମିତି ପ୍ରତିନିଧିଙ୍କୁ ପୂର୍ବତଟ ରେଳପଥର ଜେନେରାଲ ମ୍ୟାନେଜର ମନୋଜ ଶର୍ମା ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ସମିତି ପକ୍ଷରୁ ପୂର୍ବରୁ ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଜେନେରାଲ ମ୍ୟାନେଜରଙ୍କୁ ପ୍ରଦାନ କରାଯାଇଥିଲା। ୨୦୨୩-୨୪ର ବାର୍ଷିକ ବଜେଟରେ ବନ୍ଦର ସହ ରେଳପଥ ସଂଯୋଗୀକରଣ ପାଇଁ ଯେଉଁ ୫୭ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି, ତାହାର ଉପଯୋଗ କରି ଯାଜପୁରରୋଡ-ଧାମରା ରେଳ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବାକୁ ପ୍ରତିନିଧି ଦଳ ପକ୍ଷରୁ ଦାବି କରାଯାଇଥିଲା। ଏହି ରେଳପଥ ନିର୍ମାଣ ହେଲେ ବିନିଯୋଗ ଉପରେ ବାର୍ଷିକ ୨୭.୪୩ ଶତାଂଶ ଲାଭ ଉପାର୍ଜନ ହେବା ସହ ରେଳବାଇ ୬୫ କିଲୋମିଟରରୁ ଅଧିକ ରେଳପଥ ଉପରେ ହରାଉଥିବା ରାଜସ୍ୱ ସଂଚୟ କରିପାରିବ ବୋଲି ଜେନେରାଲ ମ୍ୟାନେଜରଙ୍କୁ ଅବଗତ କରାଯାଇଥିଲା। ମାତ୍ର ଦୁର୍ଭାଗ୍ୟଜନକ ଭାବେ ଏପରି ଏକ ଲାଭଦାୟକ ରେଳପଥକୁ ମଞ୍ଜୁରୀ ପ୍ରଦାନ କରା ନ ଯାଇ ଏହାଠାରୁ କମ ଲାଭର ସମ୍ଭାବନା ଥିବା ୪୧ ରେଳପଥକୁ ରେଳବାଇ ବୋର୍ଡ ପକ୍ଷରୁ ମଞ୍ଜୁରୀ ମିଳିଥିବାରୁ ପ୍ରତିନିଧି ଦଳ କ୍ଷୋଭ ପ୍ରକାଶ କରିଥିଲା।

ଓଡ଼ିଶାରୁ ରେଳବାଇ ବାର୍ଷିକ ୩୦ ହଜାର କୋଟି ଟଙ୍କାରୁ ଅଧିକ ରାଜସ୍ୱ ସଂଗ୍ରହ କରୁଥିଲାବେଳେ ତାର କ୍ଷୁଦ୍ର ଅଂଶ ଅର୍ଥାତ୍ ୧୦୪୨ କୋଟି ୬୨ ଲକ୍ଷ ଟଙ୍କା ଏହି ରେଳପଥ ପାଇଁ ବିନିଯୋଗ କରିବାକୁ କୁଣ୍ଠିତ ନ ହେବା ପାଇଁ ପ୍ରତିନିଧି ଦଳ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ରେଳପଥ ନିର୍ମାଣ ହେଲେ ଯାଜପୁର ଜିଲା ସଦର ମହକୁମା ତଥା ଓଡ଼ିଶାର ପୁରୁଣା ରାଜଧାନୀ ଯାଜପୁର ଟାଉନ ସହ ରେଳ ସଂଯୋଗ ହୋଇପାରିବ। ବ୍ୟାସନଗର, ବିରଜା କ୍ଷେତ୍ର, ଆରଡିର ଶୈବପୀଠ, ଧାମରାର ଧାମରାଇ ମନ୍ଦିର ଓ ଭିତରକନିକାର କୁମ୍ଭୀର ଅଭୟାରଣ୍ୟକୁ ନେଇ ପର୍ଯ୍ୟଟନ ଶିଳ୍ପର ବିକାଶ ଘଟିବ। କଳିଙ୍ଗନଗର ଓ ନାଲ୍‌କୋର ଶିଳ୍ପଜାତ ସାମଗ୍ରୀ ଏବଂ ଅନୁଗୋଳ, କେନ୍ଦୁଝର ଓ ଯାଜପୁର ଜିଲାର ଖଣିଜ ପଦାର୍ଥ ପରିବହନ ସ୍ୱଳ୍ପ ବ୍ୟୟରେ ଏହି ରେଳପଥ ଦ୍ୱାରା ସମ୍ଭବ ହୋଇପାରିବ। ଏହା ବୈତରଣୀ, ସାଳନ୍ଦୀ ଓ ଖରସ୍ରୋତାର ଅବବାହିକା ଅଞ୍ଚଳର କୃଷିଜୀବୀ ଓ ମତ୍ସ୍ୟଜୀବୀମାନଙ୍କ ଆୟବୃଦ୍ଧିରେ ସହାୟକ ହେବ ବୋଲି ପ୍ରତିନିଧି ଦଳ ପକ୍ଷରୁ ଜେନେରାଲ ମ୍ୟାନେଜରଙ୍କୁ ଅବଗତ କରାଯାଇଛି। ପୂର୍ବତନ ଏମ୍‌ପି ରାମଚନ୍ଦ୍ର ଖୁଣ୍ଟିଆ ଓ ସଂଗ୍ରାମ ସମିତି ଆବାହକ ସନ୍ତୋଷ ଦାସଙ୍କ ସମେତ ସର୍ବଶ୍ରୀ ରବିନାରାୟଣ ବେହେରା, ସନ୍ତୋଷ ନନ୍ଦ, ପଦ୍ମାକର ଗୁରୁ, ମଳୟ ପଣ୍ଡା, ପ୍ରଫୁଲ୍ଲ ନାୟକ, ସତ୍ୟପ୍ରକାଶ ବେଉରିଆ, ଦେବେନ୍ଦ୍ର ପଣ୍ଡା ଓ ସାଗର ପରିଡ଼ା ପ୍ରମୁଖଙ୍କୁ ନେଇ ଏକ ପ୍ରତିନିଧି ଦଳ ଜେନେରାଲ ମ୍ୟାନେଜରଙ୍କୁ ଭେଟି ଉପରୋକ୍ତ ପ୍ରସଙ୍ଗରେ ଆଲୋଚନା କରିଛନ୍ତି।

# ନାବାଳିକା ବଳାତ୍କାରୀଙ୍କୁ ୧୦ ବର୍ଷ କାରାଦଣ୍ଡ

ସୁକିନ୍ଦା/ଯାଜପୁର ଟାଉନ, ୨୪।୮ (ସତ୍ୟଜିତ ଦାଶ/ପ୍ରଯକ୍ତା ମହାନ୍ତି):

କାଳିଆପାଣି ଥାନା ଅଞ୍ଚଳର ଜଣେ ୪ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୁକ୍ତଙ୍କୁ ଯାଜପୁର ଆଡହକ ଫାଷ୍ଟଟ୍ରାକ୍ ପୋକ୍ସୋ କୋର୍ଟ ବିଚାରପତି ଶରତ ଚନ୍ଦ୍ର ଦେହୁରୀ ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ପ୍ରଦାନ କରି ଏକ ରାୟ ପ୍ରକାଶ କରିଛନ୍ତି।ଜରିମାନା ଅନାଦେୟ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୧୪ ଅକ୍ଟୋବର ୪ରେ ସମ୍ପୃକ୍ତ ନାବାଳିକାଙ୍କୁ ଘର ପାଖରୁ ବିସ୍କୁଟ ଦେବା ଲୋଭ ଦେଖାଇ ଅଭିଯୁକ୍ତ ଉକ୍ତ ଥାନା ଅଧୀନ କଂସାବିଟ ସାହିର ରାୟା ଦେହୁରୀ ନିକଟସ୍ଥ ଫରେଷ୍ଟ ବିଟ୍ ହାଉସ ପଛପଟକୁ ନେଇ ବଳାତ୍କାର କରିଥିଲେ। ପରେ ନାବାଳିକା ଜଣକ କାନ୍ଦିକାନ୍ଦି ଘରକୁ ଫେରିଥିଲେ। ତାଙ୍କ ମା' ଝିଅକୁ ପଚାରିବାରେ ସେ ସମସ୍ତ ଘଟଣା ପ୍ରକାଶ କରିଥିଲେ। ଘଟଣାର ୨ଦିନ ପରେ ପୀଡ଼ିତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୬୪/୧୪ରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ବିଚାରପତି ୧୭ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ରାୟ ଉକ୍ତ ପ୍ରକାଶ କରିଛନ୍ତି। ଓକିଲ ଶୈଳେନ୍ଦ୍ର ସାମଲ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିଲେ।

# ୨ ଅଭିଯୁକ୍ତ କୋର୍ଟ ଚାଲାଣ: ତଦନ୍ତ ଜାରି

**ଡିଜିଟାଲ ଡୋର ନମ୍ବରିଂ ଠକେଇ ମାମଲା**

କେନ୍ଦ୍ରାପଡ଼ା, ୨୪।୮ (ଜଗନ୍ନାଥ ଧଳ)

ନବଯୁଗ ଇନ୍‌ଫୋଟେକ ପ୍ରାଇଭେଟ ଲିମିଟେଡ ସଂସ୍ଥାର ଡିଜିଟାଲ ଡୋର ନମ୍ବରିଂ ଠକେଇ ମାମଲାରେ ଟାଉନ ପୋଲିସ ଗୁରୁବାର ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ଏହି ଠକେଇ ମାମଲାର ତଦନ୍ତ ଜାରି ରହିଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। ଗିରଫ ବ୍ୟକ୍ତିମାନେ ହେଲେ ଜିଲା ପରିଚାଳକ ରେବତୀକାନ୍ତ ମହାପାତ୍ର ଓ ସହଯୋଗୀ ନବୀନ କିଷାନ। ଜିଲା ପରିଚାଳକ ମହାପାତ୍ରଙ୍କ ଦ୍ୱାରା ପରିଚାଳିତ ଦୁହୁରିଆ ସ୍ଥିତ ଅନୁଷ୍କା ଗ୍ରୁପ ଅଫ ଏଡୁକେଶନକୁ ବୁଧବାର ପୋଲିସ ସିଲ କରିଥିଲା। ନବଯୁଗ ଇନ୍‌ଫୋଟେକ ସଂସ୍ଥା ନାମରେ ଦୀର୍ଘଦିନ ଧରି ମୁଖ୍ୟ ଅଭିଯୁକ୍ତ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଜିଲାର ସମସ୍ତ ଘରର ଡୋର ନମ୍ବରିଂ ହେଉଥିଲା। ତେବେ ଏହା ଏକ ଠକ୍ କମ୍ପାନୀ ବୋଲି ଜିଲା ପ୍ରଶାସନ ପକ୍ଷରୁ ଟାଉନ ଥାନାରେ ମାମଲା ପରେ ପୋଲିସ ଘଟଣାରେ ଛାନବିନ କରୁଛି। ସୂଚନାଯୋଗ୍ୟ, ନବଯୁଗ ସଂସ୍ଥାକୁ ଜିଲା ପ୍ରଶାସନ ପକ୍ଷରୁ ୨୦୨୨ରେ ଡିଜିଟାଲ ଡୋର ନମ୍ବରିଂ ପାଇଁ ଅନୁମତି ଦେଇଥିଲା। ତେବେ ଚଳିତମାସ ୫ ତାରିଖରେ ଏହା ଏକ ଠକ୍ ସଂସ୍ଥା ବୋଲି ଜିଲା ପ୍ରଶାସନ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଗଲା। ତେବେ ଡୋର ନମ୍ବରିଂ ପାଇଁ ସବୁଘରୁ ୪୦ ଟଙ୍କା ଲେଖାଏ ପ୍ରାୟ ଏକ କୋଟି ଟଙ୍କା ସଂସ୍ଥା ଆଦାୟ କରିଥିଲା ଠେବାଲି ଚର୍ଚ୍ଚା ହେଉଛି। ଅପରପକ୍ଷରେ ଜିଲା ପରିଚାଳକ ମହାପାତ୍ର କହିଛନ୍ତି, ଜିଲା ପ୍ରଶାସନର ଅନୁମତି ପରେ ଡୋର ନମ୍ବରିଂ ହୋଇଛି। ସମସ୍ତ କାଗଜପତ୍ର ତନଖି ପରେ ଏହି ଅନୁମତି ଦିଆଯାଇଥିଲା। ଏବେ ଏହି ସଂସ୍ଥା ଠକ୍ ହେଲା କିପରି ବୋଲି ସେ ପ୍ରଶ୍ନ କରିଛନ୍ତି। ଏଥିସହ ତଦନ୍ତ ପରେ ଅନେକ ତଥ୍ୟ ପଦାକୁ ଆସିବ ବୋଲି ସେ କହିଛନ୍ତି।

# ମୃତା ଅଙ୍କିତାଙ୍କୁ ନ୍ୟାୟ ପାଇଁ ଗ୍ରାମବାସୀ ଥାନାର ଦ୍ୱାରସ୍ଥ

ରାଜକନିକା, ୨୪।୮ (ସଞ୍ଜୟକୁମାରଦାଶ)

ଜଣେ ମହିଳାଙ୍କୁ ପ୍ରେମ ବିବାହ ପରେ ହତ୍ୟା କରାଯାଇଥିବା ଅଭିଯୋଗରେ ପରିବାର ଲୋକ ନ୍ୟାୟ ପାଇଁ ଗୁରୁବାର ରାଜକନିକା ଥାନାର ଦ୍ୱାରସ୍ଥ ହୋଇଥିଲେ। ସୂଚନାଯୋଗ୍ୟ ରାଜକନିକା ଥାନା ଅଞ୍ଚଳର ଛଦେଶ-କୋଠସାହି ଗ୍ରାମର ବଳରାମ ବେହେରାଙ୍କ ସହ ପ୍ରେମ ସମ୍ପର୍କ ରଖି ୮ମାସ ତଳେ ବେଙ୍ଗାଲୁରୁ ଚାଲିଯାଇଥିଲେ ଦେଓଗାଁ ଗ୍ରାମର ଅଭିମନ୍ୟୁ ନାୟକଙ୍କ ଝିଅ ଅଙ୍କିତା। ସେତେବେଳେ ଥାନାରେ ଅଙ୍କିତାଙ୍କ ମା' ସବିତା ୪।୧।୨୩ରେ ଏକ ଲିଖିତ ଅଭିଯୋଗ କରିଥିଲେ। ତେବେ ୮ ମାସ ପରେ ଅର୍ଥାତ୍ ଗତ ୨୧ ତାରିଖ ରାତି ୧୦ଟାରେ ବଳରାମ ଅଙ୍କିତାଙ୍କ ମା'ସବିତାଙ୍କୁ ମୋବାଇଲ୍ ଫୋନ ଯୋଗେ ଝିଅ ମରି ଯାଇଥିବା ଖବର ଜଣାଇଥିଲେ। ଅଙ୍କିତାଙ୍କ ପରିବାର ଏପରି ଖବରକୁ ସହଜରେ ଗ୍ରହଣ କରି ପାରି ନ ଥିଲେ। ହେଲେ ବେଙ୍ଗାଲୁରୁଠାରୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବ୍ୟବଚ୍ଛେଦ ଗୃହ ପର୍ଯ୍ୟନ୍ତ କୌଶଳକ୍ରମେ ଅଙ୍କିତାଙ୍କ ମୃତଦେହକୁ ଆଣିଥିଲେ। ତରବରିଆ ଭାବେ ବ୍ୟବଚ୍ଛେଦ କରାଇବାକୁ ଚେଷ୍ଟା ଚଳାଇଥିଲେ। ଏହି ସମୟରେ ଅଙ୍କିତାଙ୍କ ଘର ଲୋକ ଓ ଗ୍ରାମବାସୀ ମୃତଦେହକୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବ୍ୟବଚ୍ଛେଦ ଗୃହ ନିକଟରେ ରଖି ୨୪ ଘଣ୍ଟା ପର୍ଯ୍ୟନ୍ତ ବଳରାମଙ୍କୁ ଅପେକ୍ଷା କରିଥିଲେ। ହେଲେ ବଳରାମ ଆସି ନ ଥିଲେ। ତେବେ ଅଙ୍କିତାଙ୍କ ମୃତଦେହକୁ ଜରି ପାଲ ମଧ୍ୟରୁ କାଢ଼ିବାରେ କାନ ପାଖ ଓ ଶରୀରର ଏକାଧିକ ସ୍ଥାନରେ କ୍ଷତ ଚିହ୍ନ ଦେଖି ଦେଖିବାକୁ ମିଳିଥିଲା। ଅଙ୍କିତାଙ୍କୁ ବଳରାମ ହତ୍ୟା କରିଥିବା ତାଙ୍କୁ ମା' ସବିତା ଓ ପରିବାର ଲୋକ ସନ୍ଦେହ କରି ରାଜକନିକା ଥାନାରେ ଲିଖିତ ଅଭିଯୋଗ ୨୨ ତାରିଖରେ କରିଥିଲେ। ଏହି ଘଟଣାରେ ଗୁରୁବାର ଦେଓଗାଁ ଗ୍ରାମର ଏକାଧିକ ମହିଳାପୁରୁଷ ଥାନା ଅଧିକାରୀ ଦିଲୀପ କୁମାର ଧଳଙ୍କୁ ଭେଟି ନ୍ୟାୟ ଭିକ୍ଷା କରିବା ସହ ଦୋଷୀକୁ ଉପଯୁକ୍ତ ଦଣ୍ଡ ଦିଆଯାଉ ବୋଲି ଗୁହାରି କରଛନ୍ତି। ଏ ସଂକ୍ରାନ୍ତରେ ତଦନ୍ତ ପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ଧଳ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି।



ଅଙ୍କିତାଙ୍କ ନ୍ୟାୟ ପ୍ରଦାନ ଲାଗି ପରିବାର ଓ ଗ୍ରାମବାସୀ ରାଜକନିକା ଆଇଆଇସିଙ୍କୁ ଭେଟିବାକୁ ଆସିଛନ୍ତି।

# ପୁଅ ହାତୁଡ଼ି ପାହାରରେ ବାପାଙ୍କ ମୃତ୍ୟୁ

**ସାମାନ୍ୟ ବଚସାରୁ ହତ୍ୟାକାଣ୍ଡ**

କଳିଙ୍ଗନଗର, ୨୪।୮ (ଶୁଭାଶିଷ ରାଉତ):

ଯାଜପୁର ଜିଲା କଳିଙ୍ଗନଗର ଥାନା ଅନ୍ତର୍ଗତ ଶାଳିଜଙ୍ଗା ପଞ୍ଚାୟତ ବଜ୍ରପଲ୍ଲୀ ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ଏକ ହତ୍ୟାକାଣ୍ଡ ଘଟିଛି। ପୁଅର ହାତୁଡି ପାହାରରେ ବାପାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ଭରତ ପରିଡ଼ା। ଭରତ ଓ ତାଙ୍କ ପୁଅ ଅର୍ଜୁନଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା। ଏହାପରେ ଝଗଡ଼ା ଉଗ୍ରରୂପ ନେଇଥିଲା। ଏହି ସମୟରେ ଅର୍ଜୁନ ଏକ ହାତୁଡିରେ ଭରତଙ୍କ ମୁଣ୍ଡରେ ପାହାର କରିଥିଲେ। ଫଳରେ ସେଠାରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ଏହାପରେ ଅର୍ଜୁନ ଫେରାର ହୋଇ ଯାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

# ଠାକୁରପାଟଣା ପ୍ରାଥମିକ ବିଦ୍ୟାଳୟକୁ ରାସ୍ତାନାହିଁ

- ଯାତାୟାତ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଛାତ୍ରୀଛାତ୍ର
- ବାରମ୍ବାର ଦାବି ହେଉଥିଲେ ମଧ୍ୟ ହୋଇପାରୁନି ରାସ୍ତା

ବରୀ, ୨୪।୮ (ମହେନ୍ଦ୍ର ସ୍ୱାଇଁ):



ଛାତ୍ରୀଛାତ୍ର ପାଣିରେ ପଶି ବିଦ୍ୟାଳୟକୁ ଯାଉଛନ୍ତି।

ବରୀ ବ୍ଲକ୍ ଅଧୀନ ବରୀ ପଞ୍ଚାୟତ ଠାକୁରପାଟଣା ପ୍ରାଥମିକ ବିଦ୍ୟାଳୟକୁ ରାସ୍ତା ନାହିଁ। ଫଳରେ ଛାତ୍ରୀଛାତ୍ର ବିଦ୍ୟାଳୟକୁ ଯାତାୟାତ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାଧାରଣତଃ ବର୍ଷା ଋତୁରେ ଏହି ବିଦ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତାଟି ଜଳମଗ୍ନ ହେଉଥିବାରୁ ପାଣିରେ ପଶି ଛାତ୍ରୀଛାତ୍ର ଆସୁଛନ୍ତି। ମାତ୍ର ଏହି ଘଟଣା କୌଣସି ରାଜନେତା ଓ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟିକୁ ନ ଆସିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ବୋଲି ବୁଦ୍ଧିଜୀବୀ ମତ ରଖିଛନ୍ତି। ଏତଦ୍‌ବ୍ୟତୀତ ଏହି ବିଦ୍ୟାଳୟକୁ ଲାଗି ଏକ ଅଙ୍ଗନୱାଡି କେନ୍ଦ୍ର ରହିଛି। ତେଣୁ ଏହି କେନ୍ଦ୍ରରେ ଅଧ୍ୟୟନରତ କୋମଳମତି ଶିଶୁଙ୍କୁ ବର୍ଷାଋତୁରେ ଅଭିଭାବକ କାନ୍ଧରେ ବସାଇ ଆଣୁଛନ୍ତି। ଅଙ୍ଗନୱାଡି କର୍ମୀ ଓ ସହକର୍ମୀ ମଧ୍ୟ ପିଲାଙ୍କୁ ଶିକ୍ଷା କେନ୍ଦ୍ରକୁ ଆଣିବାରେ ସହଯୋଗ କରୁଛନ୍ତି।

ବ୍ଲକ୍ କାର୍ଯ୍ୟାଳୟ ଓ ବ୍ଲକ୍ ଶିକ୍ଷାମଣ୍ଡଳ କାର୍ଯ୍ୟାଳୟଠାରୁ ଏହି ବିଦ୍ୟାଳୟ ଏବଂ ଅଙ୍ଗନୱାଡି କେନ୍ଦ୍ର ମାତ୍ର ୨ କି.ମି. ଦୂର। ହେଲେ କେହି ଏହା ଉପରେ ଗୁରୁତ୍ୱ ଦେଉନାହାନ୍ତି। ଛାତ୍ରୀଛାତ୍ରଙ୍କ ଯାତାୟାତ କ୍ଷେତ୍ରରେ ଉପୁଜୁଥିବା ସମସ୍ୟା ପ୍ରଶାସନିକ ଅଧିକାରୀଙ୍କ ନଜରକୁ ନ ଆସିବା ଯୋଗୁ ଏଭଳି ଅବସ୍ଥା ସୃଷ୍ଟି ହେଉଛି ବୋଲି ଅଭିଯୋଗ ହୋଇଛି। ୧୦ ବର୍ଷ ହେଲା ଏହି ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରକୁ ସଂଯୋଗ କରୁଥିବା ରାସ୍ତା କାମ ଅଧାରେ ଅଟକି ରହିଛି। ବିଦ୍ୟାଳୟକୁ ଯାତାୟାତ ପାଇଁ ରାସ୍ତା ନ ଥିବାରୁ ଅନେକ ଅଭିଭାବକ ସେମାନଙ୍କ ପିଲାଙ୍କ ନାମ ଅନ୍ୟ ବିଦ୍ୟାଳୟରେ ଲେଖାଉଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଏହି ରାସ୍ତା ଦେଇ ୭୦ରୁ ଊର୍ଦ୍ଧ୍ୱ ପରିବାର ଯାତାୟାତ ପାଇଁ ନିର୍ଭର କରୁଛନ୍ତି। ସେମାନେ ପ୍ରଶାସନ ନିକଟରେ ରାସ୍ତା ନିର୍ମାଣ ପାଇଁ ବାରମ୍ବାର ଦାବି କରୁଥିଲେ ମଧ୍ୟ ଏହାର କୌଣସି ସୁଫଳ ମିଳି ପାରିନାହିଁ। ତେଣୁ ତୁରନ୍ତ ରାସ୍ତା ନିର୍ମାଣ ଦିଗରେ ଜିଲାପାଳ ପଦକ୍ଷେପ ନେବାକୁ ଦାବି ହୋଇଛି।

# ପାଣି ନାହିଁ: ଜମି ପଡ଼ିଆ, ମରୁଡ଼ି ଆଶଙ୍କା

ରଣପୁର,୨୪।୮ (ସୁକାନ୍ତ କିଶୋର ଡ଼ାକୁଆ)


ରଣପୁର ଏଏନ୍‌ସ ଓ ବ୍ଲକ ଅଞ୍ଚଳର ଚାଷ ଜମି

ନୟାଗଡ଼ ଜିଲା ରଣପୁର ଏନ୍‌ଏସି ସହ ବ୍ଲକର ୩୭ଟି ପଞ୍ଚାୟତରେ ଚଳିତବର୍ଷ ପର୍ଯ୍ୟାପ୍ତ ପରିମାଣର ବର୍ଷା ନ ହେବାରୁ ଜମି ପଡ଼ିଆ ପଡ଼ିଥିବା ବେଳେ ମରୁଡ଼ି ହେବା ନେଇ ଚାଷୀ ଆଶା ଆଶଙ୍କାରେ ରହିଛନ୍ତି।

ଜୁନଠାରୁ ରାଜ୍ୟରେ ମୌସୁମୀ ଆସିଥିଲାବେଳେ ରଣପୁର ଅଞ୍ଚଳରେ ସେମିତି ବର୍ଷା ହୋଇନାହିଁ। ଯାହା ବର୍ଷା ହୋଇଛି ସମୁଦ୍ରକୁ ଶଙ୍ଖେ ବୋଲି ଚାଷୀମାନେ କହିଛନ୍ତି। ଚାଷୀମାନେ ଚାଷ କାର୍ଯ୍ୟ ପାଇ ମୁଖ୍ୟତଃ ଏଠାରେ ବର୍ଷା ଜଳ ଉପରେ ନିର୍ଭୟ କରିଥାନ୍ତି। ହେଲେ ସରକାରଙ୍କ ପକ୍ଷରୁ ଜଳସେଚନ ପାଇ କୋଟି କୋଟି ଟଙ୍କା ଆସୁଥିଲେ ମଧ ତାହା ଚାଷୀମାନଙ୍କ କାର୍ଯ୍ୟରେ ଲାଗିପାରୁନାହିଁ। ଯାହାକୁ ନେଇ ଯେଉଁ ବର୍ଷ ଭଲ ବର୍ଷା ହୋଇଥାଏ ଚାଷୀମାନେ ଭଲ ଫସଲ ଅମଳ କରିଥାନ୍ତି। ଏହା ନ ହେଲେ ମରୁଡି ହୋଇଥାଏ। ସେଥିପାଇଁ ଏହି ଅଞ୍ଚଳର ଚାଷୀମାନେ ଦିନକୁ ଦିନ ଚାଷ କାମ ପାଇ ପାଇଁ ବିମୁଖ ହେଉଥିବା ପ୍ରମାଣ ମିଳିଛି। ବର୍ଷା ହେଉ ନ ଥିବାରୁ ଚାଷୀମାନଙ୍କର ବ୍ୟାପକ କ୍ଷୟକ୍ଷତିର ହେବାର ସମ୍ଭାବନା ଦେଖାଦେଇଛି। ବର୍ଷା ନ ହେବାରୁ କେଉଁଠି ଚାଷ ଜମି ଫାଟି ଆଁ କରିଛି ତ କେଉଁଠାରେ ବିଲ୍ ପଡ଼ିଆ ପଡିଛି। ଦେଶୀ କିସ୍ମୀରଠାରୁ ହାଇବ୍ରିଡ୍ ଧାନ ଓ ସରକାରୀ ଧାନ ଗୁଣାତ୍ମକ ଭାବେ ଅଧିକ ଅମଳ ହୋଇଥାଏ। ସେଥିପାଇଁ ଶତାଧିକ ସଂଖ୍ୟାରେ ଚାଷୀ ସମବାୟ ସମିତି ଓ କୃଷି

## ଚାଷକୁ ନେଇ ଆଶା ଆଶଙ୍କାରେ ଚାଷୀକୁଳ

ବିଭାଗଠାରୁ ଧାନ ବିହନ କିଣି ଆଣି ଧାନ ଚାଷ କରିଥିଲେ। ହେଲେ ଠିକ୍ ପରିମାଣରେ ବର୍ଷା ନ ହେବାରୁ ଚାଷୀମାନେ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ରଣପୁର ଏନ୍‌ଏସି ଏବଂ ବ୍ଲକର ୩୭ ପଞ୍ଚାୟତରେ ୧୯,୯୨୫ ହେକ୍ଟର ଚାଷ ଜମି ରହିଛି। ସେଥିମଧ୍ୟରୁ ଧାନ ଚାଷ ୧୭,୩୨୫ ହେକ୍ଟର ଜମିରେ ହେଉଥିବା ବେଳେ ୨୬ ହଜାର ହେକ୍ଟର ଚାଷ ଜମିରେ ଅଣ ଧାନ ଚାଷ କରାଯାଏ। ସେଥି ମଧ୍ୟରୁ ବିରି, ମୁଗ, ଆଖୁ, ପନିପରିବା ଉପାଦାନ ହୋଇଥାଏ। ଚାଷ ଦୃଷ୍ଟିରୁ ଏହି ୩୭ ପଞ୍ଚାୟତକୁ ୨ ଭାଗରେ ବିଭକ୍ତ କରାଯାଏ। ଜଳ ସେଚିତ, ଅଣ ଜଳ ସେଚିତ ଜମି ଥିଲା ବେଳେ ଚାଷ କାର୍ଯ୍ୟ କେବଳ ବର୍ଷା ପାଣି ପାଗ ଉପରେ ଚାଷୀମାନେ ନିର୍ଭର କରିଥାନ୍ତି। ୧୫% ଜମି ଜଳ ସେଚିତ ଥିଲା ବେଳେ ଅବଶିଷ୍ଟ ୮୫% ପାଖାପାଖି ହେଉଥିବା ବେଳେ କେବଳ ମୌସୁମୀ ବର୍ଷାକୁ ଭରସା କରି ଚାଷୀମାନେ ଚାଷ କାର୍ଯ୍ୟ କରିଥାନ୍ତି। ଚାଷୀଙ୍କ ସମସ୍ୟା ବହୁତ, କିନ୍ତୁ ସମାଧାନ ନାହିଁ। ସରକାର ଚାଷୀମାନଙ୍କ ପାଇଁ ଜମିରେ କରାଯାଇଥିବା ବୋରୱେଲ ଗୁଡ଼ିକ ଠିକ୍ ସମୟରେ କାମ ନ କରିବା, ବିଭିନ୍ନ ନଦୀ ଓ ବନ୍ଧ ଦ୍ୱାରା କରାଯାଇଥିବା ଚେକ୍ ଡ୍ୟାମଗୁଡ଼ିକର କାର୍ଯ୍ୟ ଅତି ନିମ୍ନମାନର ହୋଇଥିବାରୁ ଖରାଦିନେ ସେଥିରେ ଜଳ ରୁହେ ନାହିଁ। କେନାଲ ଖୋଲା ଯାଇଥିଲେ ମଧ ତାହା ଚାଷ କାମରେ ଲାଗେନାହିଁ। ଯାହା ଫଳରେ ଏହି ଅଞ୍ଚଳରେ ଚାଷ କାର୍ଯ୍ୟ ବାରମ୍ବାର ବାଘାତ ହୋଇଥାଏ। ଅପରପକ୍ଷେ ପ୍ରତ୍ୟେକ ବର୍ଷ ଅକ୍ଷୟ ତୃତୀୟା ପର୍ବ ପାଳନ ପୂର୍ବରୁ ଚାଷୀମାନେ ଅଧିକ ଉପାଦାନ ନେଇ ଆକଳନ କରିଥାନ୍ତି। ୩ ବର୍ଷ ତଳେ ମରୁଡି ଲଗାଣ ବର୍ଷାକୁ ଚାଷୀମାନେ ଭୁଲି ନାହାନ୍ତି। ଏଣୁ ଏ ବର୍ଷ ମଧ ସରକାର ବା ପ୍ରଶାସନକୁ ଦୋଷ ଦେଇ ନୁହେଁ ପରନ୍ତୁ ନିଜ ଭାଗ୍ୟକୁ ନେଇ ଚାଷ କାର୍ଯ୍ୟ କରିଛନ୍ତି।

# ବାଲ୍ୟବିବାହ ମୁକ୍ତ ଭାରତ ଗଠନ ପାଇଁ କର୍ମଶାଳା



କର୍ମଶାଳାରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ଖଣ୍ଡପଡ଼ା,୨୪।୮ (ଅଜୟ କୁମାର ମହାରଣା)

ବାଲ୍ୟ ବିବାହ ପରି ଏକ ଘୃଣ୍ୟ ପ୍ରଥା ସମାଜରେ ବେଳକୁ ବେଳ କାୟା ବିସ୍ତାର କରିବାରେ ଲାଗିଛି। ଯାହାକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଉଛି। ବାଲ୍ୟ ବିବାହ ମୁକ୍ତ ସମାଜ ଗଠନ ପାଇଁ ସବୁ ସ୍ତରରେ ଉଦ୍ୟମ ହେବାର ଆବଶ୍ୟକତା ରହିଛି। ଏହି ପରିପ୍ରେକ୍ଷୀରେ ଖଣ୍ଡପଡ଼ା ପଞ୍ଚାୟତ ସମିତି ଓ ରୁଚିକା ସମାଜ ମଙ୍ଗଳ ସଙ୍ଗଠନ ଭୁବନେଶ୍ୱର ମିଳିତ ଆନୁକୂଲ୍ୟରେ ଗୁରୁବାର ବ୍ଲକ ସମ୍ମିଳନୀ କକ୍ଷରେ ବାଲ୍ୟ ବିବାହ ମୁକ୍ତ କର୍ମଶାଳା ଅତିରିକ୍ତ ବିଡିଓ ସୁବାସ ଚନ୍ଦ୍ର ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଭାରତରେ ୨୩ ପ୍ରତିଶତ ଓ ଓଡ଼ିଶାରେ ୨୦ପ୍ରତିଶତ ଶିଶୁ ବାଲ୍ୟ ବିବାହ କରୁଥିବାରୁ ଏହା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମୁଣ୍ଡ ବ୍ୟଥାର କାରଣ ପାଲଟିଛି। ଏଣୁ ଏହାକୁ ପ୍ରତିହତ କରିବା ପାଇଁ ଉଭୟ ସରକାରଙ୍କ ପକ୍ଷରୁ କୈଳାସ ସତ୍ୟାଥୀ ଚିଲିଡ୍ରେନ ଫାଉଣ୍ଡେଶନ ବାଲ୍ୟ ବିବାହ ମୁକ୍ତ ଭାରତ ଅଭିଯାନ ଆରମ୍ଭ ହୋଇଛି। ରୁଚିକାର ସିଇଓ ଡ. ବେଣୁଧର ସେନାପତି, ସିଡିପିଓ ରେଣୁବାଳା ନନ୍ଦ, ବିଇଓ କଳିଙ୍ଗ ଚନ୍ଦ୍ର ନାୟକ, ଖଣ୍ଡପଡ଼ା ଥାନା ଶିଶୁ ଡେସ୍କ ଅଧିକାରିଣୀ ମନସ୍ୱିତା ସାହୁ ପ୍ରମୁଖ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇଥିଲେ। ସେମାନେ ଖଣ୍ଡପଡା ବ୍ଲକକୁ ସମ୍ପୂର୍ଣ୍ଣ ବାଲ୍ୟ ବିବାହ ମୁକ୍ତ କରିବା ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ସମସ୍ତ ପ୍ରକାର ପ୍ରୟାସ ଜାରି ରହିବ ବୋଲି ମତବ୍ୟକ୍ତ କରିଥିଲେ। କର୍ମଶାଳାରେ ଯୋଗ ଦେଇଥିବା ଅଙ୍ଗନୱାଡି କର୍ମୀ ଓ ସମସ୍ତ ପ୍ରଶାସନିକ ଅଧିକାରୀଗଣ ବାଲ୍ୟ ବିବାହ ମୁକ୍ତ ସମାଜ ଗଠନ ପାଇଁ ଶପଥ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଙ୍ଗନୱାଡି କର୍ମୀ, ଜିଲା ସଂଯୋଜିକା ଶୁଭସ୍ମିତା ମହାନ୍ତିଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ମିଶନ ଶକ୍ତିର ମହିଳା କାର୍ଯ୍ୟକର୍ତ୍ତାମାନେ ଯୋଗଦେଇଥିଲେ। ଚନ୍ଦ୍ର ଶେଖର ବେହେରା, ସୁଶ୍ରୀ ସଙ୍ଗୀତା ଜେନା, ସୁଜାତା ବେହେରା, ସୁଶ୍ରୀ ସଙ୍ଗୀତା ଜେନା, ବିକ୍ରମ ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



# ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷୟିତ୍ରୀଙ୍କ ବଦଳି ଦାବି ଜୋର ଧରିଲା

ନୟାଗଡ଼,୨୪।୮ (ଲୋକନାଥ ମିଶ୍ର)

- ଛାତ୍ରୀଙ୍କ ଫଟୋକୁ ଏଡିଟିଂ କରି ଉଲଗ୍ନ ଫଟୋ ଭାଇରାଲ ଘଟଣା
- ଛାତ୍ରୀମାନେ ସ୍କୁଲ ଯାଉନାହାନ୍ତି
- ଜିଲାପାଳ, ଡିଇଓ ଦୃଷ୍ଟି ଦେବାକୁ ଅନୁରୋଧ

ନୟାଗଡ଼ ସଦର ଥାନାର ବାଲୁଗାଁ ଅଞ୍ଚଳର ଏକ ହାଇସ୍କୁଲରେ ୫ରୁ ଦଶମ ଶ୍ରେଣୀ ଛାତ୍ରୀଙ୍କ ଫଟୋକୁ ମୁହଁ ଅସଲି ରଖି ଉଲଗ୍ନ କରି ଭାଇରାଲ ଘଟଣାରେ ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷାଧିକାରୀ ଦୋଷୀ ହୋଇଥିଲେ। ହେଲେ ସେମାନଙ୍କୁ ବଦଳି କରାଯାଉ ନ ଥିବାରୁ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ ପାଇଛି। ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷୟିତ୍ରୀଙ୍କ ବଦଳି ପରେ ୫ ପୀଡିତା ସ୍କୁଲ ଯିବେ ବୋଲି କୁହାଯାଉଛି। ଏଣୁ ଜିଲା ଶିକ୍ଷା ଅଧିକାରୀ (ଡିଇଓ) ଓ ଜିଲାପାଳ ଘଟଣାର ଗୁରୁତ୍ୱର ଉପଲବ୍ଧି କରିଛନ୍ତି। ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷୟିତ୍ରୀଙ୍କୁ ବଦଳି କରିବାକୁ ଦାବି ଉଠିଛି। ନଚେତ ଆଗାମୀଦିନରେ ବାଲୁଗାଁ ଅଞ୍ଚଳରେ ରାସ୍ତାରୋକୋ ଓ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି କେତେଜଣ ଅଭିଭାବକ ନିଷ୍ପତି ନେଇଛନ୍ତି। ୫ ଛାତ୍ରୀଙ୍କ ଅଶ୍ଳୀଳ ଭିଡିଓ ଓ ଫଟୋ ଗୋଟିଏ ମୋବାଇଲରୁ ଅନ୍ୟ ମୋବାଇଲକୁ ଏହା ଘୂରି ବୁଲୁଥିଲା। ମୋବାଇଲ ଆପରେ ଫଟୋ ଏଡିଟିଂ କରାଯାଇ ଭାଇରାଲ ହୋଇଥିଲା। ୨ ଜଣ ଛାତ୍ର ଏହାକୁ ଏଡିଟିଂ କରିଥିବାବେଳେ ଅନ୍ୟ ୫ଜଣ ଜାଣି ବି ଚୁପ ରହିଥିଲେ। ଅନ୍ୟପକ୍ଷେ ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷୟିତ୍ରୀ ଘଟଣା ସମ୍ପର୍କରେ ସବୁ ଜାଣି ଘଟଣାକୁ ଚାପି ଦେବାକୁ ଉଦ୍ୟମ କରିଥିଲେ। ଏପରିକି ଅଭିଯୋଗକାରୀଙ୍କୁ ଗାଳିଗୁଲଜ କରିଥିବାବେଳେ ଘଟଣା ଘଟାଇଥିବା ଛାତ୍ରଙ୍କୁ କ୍ଲିନଚିଟ୍ ଦେବା ଫଳରେ ଧୀରେ ଧୀରେ ଘଟଣା ଥାନାକୁ ଯାଇଥିଲା। ଏହି ଘଟଣାରେ ନୟାଗଡ଼ ସଦର ଥାନାରେ ଅଭିଯୋଗ ପରେ ପୋଲିସ ୨ ନାବାଳକ ଦଶମ ଶ୍ରେଣୀ ଛାତ୍ରଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ଅନ୍ୟପକ୍ଷେ ଏତେବଡ ଘଟଣା ପରେ ଜିଲା ପ୍ରଶାସନ, ଜିଲା ଶିଶୁ ସୁରକ୍ଷା ୟୁନିଟ୍, ଜିଲା ଶିକ୍ଷା ଅଧିକାରୀ ନିରବ ରହିବା ସାଧାରଣରେ ଅସନ୍ତୋଷ ସୃଷ୍ଟି କରି ଆନ୍ଦୋଳନ ପାଇଁ ପ୍ରସ୍ତୁତି ଚାଲିଛି।

# ଶିଶୁଙ୍କ ମୁହଁରେ ହସ ଫୁଟାଇବାକୁ ହେବ ବ୍ୟବସ୍ଥା


ଜିଲା ମୁଖ୍ୟ ଚିକିତ୍ସାଳୟରେ ସର୍ଭେ କରିବାକୁ ଆସିଥିବା ଅଧିକାରୀମାନେ।

ନୟାଗଡ,୨୪।୮ (ଲୋକନାଥ ମିଶ୍ର)

ଶିଶୁମାନଙ୍କର ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ପାଇଁ ସରକାର ମୁସ୍କାନ କାର୍ଯ୍ୟକ୍ରମ ଲାଗୁ କରିବାକୁ ଯାଉଛନ୍ତି।

## ମୁସ୍କାନ କାର୍ଯ୍ୟକ୍ରମ ପାଇଁ ସର୍ଭେ କରୁଛନ୍ତି ୨ ଜଣିଆ ଟିମ୍

ଏହି ଅବସରରେ ରାଜ୍ୟ ସରକାରଙ୍କର ଏକ ୨ ଜଣିଆ ଟିମ୍ ଗୁରୁବାର ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଶିଶୁଙ୍କ ସ୍ୱାସ୍ଥ୍ୟସେବା କିପରି ଅଛି, କ'ଣ କରାଗଲେ ଏହା ଅଧିକ ଭଲ ହୋଇ ପାରିବ ସେନେଇ ସର୍ଭେ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟର ଶିଶୁ ବିଭାଗର ଓପିଡି (ବହିଃ ବିଭାଗ), ଆଇପିଡି (ଆଉଟଡୋର), ଏସ୍‌ଏମ୍‌ସିୟୁ, ଏନ୍‌ଆର୍‌ସି (ପୁଷ୍ଟି ସାଧନ କେନ୍ଦ୍ର), ଡିଆଇସିକୁ ବୁଲି ଦେଖିବା ସହ ଆଲୋଚନା ମଧ୍ୟ କରିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅକ୍ଷୟ


@ କାହ୍ନୁ


@ ଲିପି


@ ପୁପୁଲ


@ ସୁବାସ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପୁରୁଣା ଜେଲ ଜମିରେ ପୋତାଯାଉଛି ଖୁଣ୍ଟ, ବୁଲାଯିବ ବାଡ଼

ନୟାଗଡ,୨୪।୮ (ଲୋକନାଥ ମିଶ୍ର)


ପୁରୁଣା ଜେଲ ଜମିକୁ ଜବରଦଖଲ ମୁକ୍ତ ପାଇଁ ସିମେଣ୍ଟ ଖୁଣ୍ଟି ପୋତା ଯାଉଛି।

ଜବରଦଖଲକୁ ଏଡ଼ାଇବା ପାଇଁ ନୟାଗଡ଼ର ହାର୍ଟ କୁହାଯାଉଥିବା ପୁରୁଣା ଜେଲ ଜମିକୁ ମ୍ୟୁନିସିପାଲିଟି ପକ୍ଷରୁ ସିମେଣ୍ଟ ଖୁଣ୍ଟ ପୋତା ଯାଉଥିବାବେଳେ ତାର ବାଡ ବୁଲାଇବାର ବ୍ୟବସ୍ଥା ରହିଛି। ତେବେ ପୁରୁଣା ଜେଲ ଜମିର କିଛି ଅଂଶରେ ପରିବା ମାର୍କେଟ ରହିଥିବାବେଳେ ଜୁବୁଲି ମାର୍କେଟର କେତେଜଣ ବ୍ୟବସାୟୀଙ୍କ ପାଇଁ ରାସ୍ତା ପ୍ରଦାନ କରାଯାଇଛି। ୨ ବ୍ୟବସାୟୀଙ୍କ ପ୍ରତି ମ୍ୟୁନିସିପାଲିଟିର ଅନୁକମ୍ପା ରହିଥିବା ଚର୍ଚ୍ଚା ହେବା ସହ ସମାଲୋଚନା ଆରମ୍ଭ ହୋଇଛି। ଅନ୍ୟପକ୍ଷେ ସମୁଦାୟ ଜେଲ ଜମିରେ ସିମେଣ୍ଟ ଖୁଣ୍ଟ ପୋତା ଯାଇ ନ ଥିବାରୁ ଇଏ କି ପ୍ରକାରର ସରକାରୀ ଜମିର ସୁରକ୍ଷା ବୋଲି ପ୍ରଶ୍ନ ଉଠିଲାଣି। ମ୍ୟୁନିସିପାଲିଟି ପକ୍ଷରୁ ଠିକ୍ ଭାବେ ତାର ବାଡ଼ ଦିଆ ନ ଗଲେ ଜେଲ ପରି ଅନ୍ୟ ସରକାରୀ ଜମି ପରି ଜବରଦଖଲ ହୋଇଯିବ ବୋଲି କୁହାଯାଉଛି।

ପୁରୁଣା ଜେଲ ଜମି ସମ୍ମୁଖ ଜିଲା ସଂସ୍କୃତି ଭବନ ପରିସର ପାଖରେ ଲାଗି ରହିଥିବା ସିଭିଲ କୋର୍ଟ ସାହିର ସୁଧାରାଣୀ ପଟ୍ଟନାୟକ, ଚିତ୍ତ ରଞ୍ଜନ ତ୍ରିପାଠୀ ପ୍ରମୁଖଙ୍କ ବାରିପଟୁ ଜବରଦଖଲ ଉଚ୍ଛେଦ ୨୦୨୨ ଜାନୁୟାରୀ ୩୧ରେ ହୋଇଥିଲା। ଏହି ୨ ପରିବାର ନିଜ ନିଜ ବାରିପଟେ ନୟାଗଡ଼ ସହରର ମୂଲ୍ୟବାନ ସରକାରୀ ଜମିକୁ ଅକ୍ତିଆର କରି ଘର ଓ ପ୍ରାଚୀର କରିଥିଲେ। ଏପରିକି ସରକାରୀ ଜମିରେ ବ୍ୟକ୍ତିଗତ ଭାବେ କୂଅ ଖୋଳା ହୋଇଥିଲା। ମାଜିଷ୍ଟ୍ରେଟ ଭାବେ ନୟାଗଡ଼ ତହସିଲଦାର ଭିକାରୀ ସାହୁ, ନୟାଗଡ଼ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ସ୍ୱାତି ମିଶ୍ର ଓ ପୋଲିସ ଫୋର୍ସ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ ହୋଇଥିଲା। ଉଚ୍ଛେଦ ପରେ ଉଦ୍ଧାର ହୋଇଥିବା ଅଞ୍ଚଳରେ ପ୍ରଶାସନ ତାର ବାଡ଼ ଦେଇ ନ ଥିଲା। ଉଚ୍ଛେଦ ଜମି ପଠାଣୀ ସାମନ୍ତ ଜିଲା ସଂସ୍କୃତି ଭବନ ପରିସରରେ ରଖାଯିବାକୁ ପ୍ରଶାସନିକ ନିଷ୍ପତ୍ତି ହୋଇଥିଲା। ପରେ ଜିଲା ସଂସ୍କୃତି ଭବନର ପ୍ରାଚୀରକୁ ଭଙ୍ଗା ଯାଇ କାମ ଆରମ୍ଭ ହୋଇଥିଲା। କାମ ଆରମ୍ଭ ବେଳେ କୋର୍ଟର ସ୍ଥିତାବସ୍ଥା ଜାରି ହୋଇଥିଲା। କୋର୍ଟର ସ୍ଥିତାବସ୍ଥା ସତ୍ତ୍ୱେ ଉଚ୍ଛେଦ ଜମିରେ ସିମେଣ୍ଟ ପିଲର ପୋତି ତାର ବାଡ ଦିଆଯାଇଥିଲା। କୋର୍ଟ କେସ୍ ଯୋଗୁ ଜିଲା ସଂସ୍କୃତି ଭବନର ପ୍ରାଚୀର କାର୍ଯ୍ୟ ଅଧାପନ୍ତରିଆ ହୋଇ ରହିଗଲା। କାଳେ ଜେଲ ଜମି ଜବରଦଖଲ ହୋଇଯିବ ସେଇ ଭୟରେ ମ୍ୟୁନିସିପାଲିଟି ପକ୍ଷରୁ ତାର ବାଡ଼ ଦେବା ବ୍ୟବସ୍ଥା ଆରମ୍ଭ ହୋଇଛି ବୋଲି ସାଧାରଣରେ ଚର୍ଚ୍ଚା ଲାଗି ରହିଛି। ଏ ନେଇ କଂଗ୍ରେସର ରଣଜିତ ଦାଶ କହିଛନ୍ତି, ଜେଲ ଜମିରେ ନୟାଗଡ଼ ମ୍ୟୁନିସିପାଲିଟି କ'ଣ କରୁଛି ଆମେ ଅନୁଧ୍ୟାନ ରଖିଛୁ। ଜିଲାର ବିକାଶ

- ଜବରଦଖଲ ଏଡ଼ାଇବା ପାଇଁ ମ୍ୟୁନିସିପାଲିଟିର ପ୍ରୟାସ
- ପରିବା ମାର୍କେଟକୁ ଅନୁକମ୍ପା, ଦୋକାନୀଙ୍କୁ ଦିଆଗଲା ରାସ୍ତା
- ଅନୁକମ୍ପା ପରେ ସରକାରୀ ଜମିର ସୁରକ୍ଷା ନେଇ ଉଠିଲା ପ୍ରଶ୍ନ

ପାଇଁ ବିରୋଧ କରାଯାଉନି। ହେଲେ ମୁଲ୍ୟବାନ ସରକାରୀ ଜମିରେ ପାର୍କିଂକୁ ଛାଡ଼ ଆଉ ଯାହା କରାଗଲେ ବିରୋଧ କରାଯିବ। ମ୍ୟୁନିସିପାଲିଟି ତାର ବାଡ଼ ଦେବା ପରେ କେଉଁ କାର୍ଯ୍ୟରେ ଜେଲ ଜମି ବ୍ୟବହାର କରୁଛି ସେନେଇ ଜଣାପଡ଼ିବ। ଏହାପରେ କଂଗ୍ରେସ ବିକଳ୍ପ ପଦକ୍ଷେପ ନେବ ବୋଲି ସେ କହିଛନ୍ତି। ମ୍ୟୁନିସିପାଲିଟି କାର୍ଯ୍ୟ ନିର୍ବାହୀ ଅଧିକାରୀ ସ୍ୱାତି ମିଶ୍ର କହିଛନ୍ତି, ସମୁଦାୟ ଜେଲ ଜମିରେ ତାର ବାଡ଼ କରାଯିବ। ପ୍ରଥମେ କିଛି ଅଂଶ କରାଯାଇଛି। ଜେଲ ଜମିରୁ ପରିବା ମାର୍କେଟ ହଟିବ। ପୁଣି ଜୁବୁଲି ମାର୍କେଟ ବ୍ୟବସାୟୀଙ୍କ ପାଇଁ ରାସ୍ତା ଛଡ଼ା ଯିବନି। ତେବେ ଜେଲ ଜମି ଭିତରକୁ ଯିବା ପାଇଁ ମ୍ୟୁନିସିପାଲିଟି ପକ୍ଷରୁ ଏକ ଫାଟକ ରଖାଯିବ ବୋଲି ସେ କହିଛନ୍ତି।

# ପିକ୍‌ଅପ୍ ଭ୍ୟାନ୍ ଓଲଟି ୬ ଗୋରୁ ମୃତ, ଗାଡ଼ି ଜବତ

ଖଣ୍ଡପଡ଼ା,୨୪।୮ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଥାନା ଅଧୀନ ସିଧାମୂଳା ମହାନଦୀ ସେତୁ ନିକଟସ୍ଥ ଏକ ବୁଲାଣି ରାସ୍ତା ପାର୍ଶ୍ୱକୁ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ ନଂ. ଓଡି ୫ ଡ଼ିଏଚ ୩୮୭୦ ଓଲଟି ପଡ଼ିଥିବା ବେଳେ ଘଟଣାସ୍ଥଳରେ ୫ଟି ଗାଈ ଓ ଗୋଟିଏ ବଳଦର ମୃତ୍ୟୁ ହୋଇଥିବା ଜଣାଯାଇଛି। ଦୁର୍ଘଟଣା ଘଟିବା ପରେ ଗାଡ଼ି ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାଯାଇଛି। ଖବରପାଇ କଣ୍ଟିଲୋ ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ଜେନା ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ପିକଅପ ଭ୍ୟାନଟିକୁ ଜବତ କରିବା ସହ ଏକ ମାମଲା ରୁଜୁ କରିଛି। ମୃତ ଗୋରୁଙ୍କ ବ୍ୟବଚ୍ଛେଦ ପରେ ପୋତି ଦିଆଯାଇଥିବା ଫାଣ୍ଡି ଅଧିକାରୀ ଜେନାଙ୍କଠାରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ବୁଧବାର ରାତିରେ ପିକ୍‌ଅପ୍ ଭ୍ୟାନଟି ଗୋରୁ ନେଇ ଦ୍ରୁତଗତିରେ ଯାଉଥିବା ବେଳେ ବେପରୁଆ ଗାଡ଼ି ଚାଳନା ଯୋଗୁ ରାସ୍ତା କଡକୁ ଓଲଟି ପଡିଥିବା ସ୍ଥାନୀୟ ବାସିନ୍ଦାଙ୍କ ସୂତ୍ରରୁ ଜଣାପଡିଛି। ଗଣିଆ, ଦଶପଲ୍ଲା ଓ ଆଖପାଖ ଅଞ୍ଚଳରୁ ନିୟମିତ ଯାନବାହନ ଯୋଗେ ସିଧାମୂଳା ମହାନଦୀ ସେତୁ ଦେଇ କଟକ ଅଞ୍ଚଳକୁ ଗୋଚାଲାଣ ହେଉଥିବା ଜଣାପଡ଼ୁଛି। ଗୋରୁ ଚାଲାଣ କରୁଥିବା ମାଫିଆମାନଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।


ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ୍ ଭ୍ୟାନ୍।

